| Publication: | Samaja | Edition: | Bhubaneshwar |
|---|---|---|---|
| Published Date: | 26 Sep 2015 | Page No.: | 12 |
| | | Display: | 1/1 |


# ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ ଜିତିଲା ଟିସିଏସ୍ ଆଇଟି ଓ୍ୱିଜ୍

ଭୁବନେଶ୍ୱର, ୨୫।୯ (ନି.ପ୍ର)- ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ ପକ୍ଷରୁ ଆନ୍ତଃସ୍କୁଲ କ୍ୱିଜ୍ ପ୍ରତିଯୋଗିତା 'ଟିସିଏସ୍ ଆଇଟି ଓ୍ୱିଜ୍'ର ଭୁବନେଶ୍ୱର ସଂସ୍କରଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୪୫ଟି ବିଦ୍ୟାଳୟର ପ୍ରାୟ ୧୦୦୦ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଏଥିପାଇଁ କୌଣସି ପ୍ରବେଶ ଫି ଦେବାକୁ ପଡ଼ିନଥିଲା।



'ଟିସିଏସ୍ ଆଇଟି ଓ୍ୱିଜ୍' ପ୍ରତିଯୋଗିତା ଭୁବନେଶ୍ୱର ସମେତ ଅହମ୍ମଦାବାଦ୍, ବେଙ୍ଗାଲୁର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ୍, କୋଚି, କଲକତା, ଲକ୍ଷ୍ନୌ, ମୁମ୍ବଇ, ପୁନେ, ନାଗପୁର, କୋଇମ୍ବାଟୁର, ବିଶାଖାପାଟନାମ୍ ଆଦି ଦେଶର ୧୫ଟି ସହରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅକ୍ଷତ ପ୍ରନୀତ ଓ ସମ୍ପ୍ରୀତି ପଣ୍ଡା ବିଜେତା ଘୋଷିତ କରାଯାଇଥିଲା। ଚଳିତବର୍ଷର ଆଞ୍ଚଳିକ ଚମ୍ପିଆନ୍ ବିଜେତା ଭାବେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପାଇଛନ୍ତି। ସେହିପରି ରନର୍ସ ଅପ୍ ହୋଇଥିବା ଛାତ୍ରଛାତ୍ରୀ ଆଇପ୍ୟାଡ୍ ମିନି ସମେତ ଟ୍ରଫି ଓ ମେଡ଼ାଲ୍ ପାଇଛନ୍ତି। ଲିଖିତ ପ୍ରିଲିମିନାରୀ ରାଉଣ୍ଡ ପରେ ଆଞ୍ଚଳିକ ଫାଇନାଲ୍‌ରେ ପ୍ରବେଶ କରିଥିବା ୬ ଫାଇନାଲିଷ୍ଟିଙ୍କୁ ଟିସିଏସ୍ ପକ୍ଷରୁ ଲାପଟପ୍ ବ୍ୟାଗ୍, ହେଡ୍‌ଫୋନ୍, ସେଲ୍‌ଫି ଷ୍ଟିକ୍, ବ୍ଲୁଟୁଥ୍, ସିପର୍ ଓ ୟୁଏସ୍‌ବି ପେନ୍‌ଡ୍ରାଇଭ୍ ଭଳି ବହୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଶ୍ୟାମସୁନ୍ଦର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଏବଂ ଟିସିଏସ୍ ଭୁବନେଶ୍ୱର ସେଣ୍ଟର ମୁଖ୍ୟ ମନୋଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।